# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 September – 2026

*************************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀ ଆଜି ଚାରୋଟି ବିଭାଗର ୧ ହଜାର ୧୦୧ ଜଣ ପ୍ରାର୍ଥୀଙ୍କୁ ପ୍ରଦାନ କରିବେ ନିଯୁକ୍ତିପତ୍ର
- ଶିଶୁ, ମହିଳା ଓ କିଶୋରୀଙ୍କ ପୋଷଣ ସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଲକ୍ଷ୍ୟ ନେଇ ରାଜ୍ୟରେ 'ଅଙ୍ଗନ କା ଉତ୍ସବ' ଅଭିଯାନ ଉଦ୍‌ଘାଟିତ
- ଅବପାତର ପ୍ରଭାବରେ ପ୍ରବଳ ବର୍ଷା ନେଇ ୬ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

– ପ୍ରଭାବିତ ଅଞ୍ଚଳରେ ଜାରି ରହିଛି ଉଦ୍ଧାର ଓ ରିଲିଫ କାର୍ଯ୍ୟ

ଏବଂ

- ନିରନ୍ତର ଜୀବନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ

Desk

# ନିଯୁକ୍ତିମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂତନ ଭାବେ ଚୟନ ହୋଇଥିବା ୪ଟି ବିଭାଗର ୧ ହଜାର ୧୦୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ୍‌ଠାରେ ଆଉ କିଛିସମୟ ପରେ ଆୟୋଜନ ହେବାକୁ ଥିବା ନିଯୁକ୍ତିମେଳାରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୯୦୬ ଜଣ, ଅର୍ଥ ବିଭାଗର ୧୦୬, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୭୨ ଏବଂ ସମବାୟ ବିଭାଗର ୧୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ । ଏହି ଅବସରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ସଂପର୍କିତ ମାନସିକ ସ୍ୱାସ୍ଥ୍ୟ ନିର୍ଦ୍ଦେଶାବଳୀ ପୁସ୍ତକର ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

BBSR/R

# ଅଙ୍ଗନ୍ ନା ଉତ୍ସବ

ତୃଣମୂଳସ୍ତରରେ ପୋଷଣ ଏବଂ ଶିଶୁ ବିକାଶ ସେବା ଯୋଗାଇବାରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଭୁବନେଶ୍ୱର ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆଜି 'ଅଙ୍ଗନ୍ କା

ଉତ୍ସବ' ଅଭିଯାନର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ରାଜ୍ୟରେ ଶିଶୁ, ମହିଳା ଓ କିଶୋରୀମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସଚେତନାକୁ ଆହୁରି ବ୍ୟାପକ କରିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁ କଲ୍ୟାଣକୁ ଆହୁରି ସୁଦୃଢ଼ କରିବା ସହ ଆଗଧାଡ଼ିର କର୍ମୀ ଓ ସହାୟିକାଙ୍କ ଯୋଗଦାନକୁ ସ୍ୱୀକୃତି ଦେଇ ଶାଢ଼ୀ ଭତ୍ତା ବାବଦକୁ ୧ ହଜାର ୫୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ୧ ଲକ୍ଷ ୪୮ ହଜାର ଅଙ୍ଗନବାଡ଼ି ଓ ସହାୟିକା ଉପକୃତ ହେବେ। ପୋଷଣ, ସ୍ୱାସ୍ଥ୍ୟ, ପ୍ରାକ୍ ବିଦ୍ୟାଳୟର ଶିକ୍ଷା ସେବାର ମୁଖ୍ୟ ପୁରୋଧା ସାଜିଥିବା ଅଙ୍ଗନବାଡ଼ି କର୍ମୀଙ୍କ ପ୍ରଶାସନିକ କାର୍ଯ୍ୟକୁ କମାଇବା ପାଇଁ ଉପମୁଖ୍ୟମନ୍ତ୍ରୀ ଦୀପ୍ତି ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ପୋର୍ଟାଲ ମାଧ୍ୟମରେ ବିଜୁଳି ବିଲ୍ ଯାଞ୍ଚ, ପରିଶୋଧ ଓ ଟ୍ରାକିଂ ସିଧାସଳଖ ହୋଇପାରିବ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୯ ତାରିଖରୁ ଆସନ୍ତା ମାସ ୮ ତାରିଖ ପର୍ଯ୍ୟନ୍ତ ପୋଷଣ ମାସ ଏବଂ ଗତ ୧୭ ତାରିଖରୁ ଆସନ୍ତା ମାସ ୧୭ ତାରିଖ ପର୍ଯ୍ୟନ୍ତ ସେବା ସଙ୍କଳ୍ପ ଅଭିଯାନ ରାଜ୍ୟରେ ଚାଲିଛି। ଅଭିଯାନ ଅଧୀନରେ ୭୪ ହଜାର ୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

Desk

## ପୁଲିସ ପଦବୀ

ରାଜ୍ୟରେ ଆସନ୍ତା ଫେବୃଆରୀ ମାସ ସୁଦ୍ଧା ୧୦ ହଜାର ପୁଲିସ ପଦବୀରେ ନିଯୁକ୍ତି ଦିଆଯିବ ବୋଲି ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସୂଚନା ଦେଇଛନ୍ତି।  ବିଭାଗକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାର ଓ ପୁଲିସ ପ୍ରଶାସନ ନିରନ୍ତର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛନ୍ତି। ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ପ୍ରତି ଜିଲ୍ଲାରେ ସାଇବର ଥାନା କାର୍ଯ୍ୟ କରୁଛି। ପୂର୍ବରୁ ୧୪ଟି ସାଇବର ଥାନା ରହିଥିଲା। ୨୦ଟି ନୂଆ ଥାନା ଅନୁମୋଦିତ ହୋଇ ବର୍ତ୍ତମାନ ୩୪ଟି ସାଇବର ଥାନା କାର୍ଯ୍ୟକ୍ଷମ ଅଛି। ଏଥିରେ ଆଇ.ଟି. ଏକ୍ସପର୍ଟ, ସାଇବର ଫରେନସିକ୍ ବିଶେଷଜ୍ଞ ଓ ଫାଇନାନ୍ସ ଆନାଲିଷ୍ଟ ନିଯୁକ୍ତି ଦିଆଯାଉଛି ବୋଲି ଡିଜିପି କହିଛନ୍ତି। ସାଇବର ସୁରକ୍ଷା ପାଇଁ ଅପରେସନ୍ ସାଇବର କବଚ ଭଳି ଅଭିଯାନ, ୧୯୩୦ ସହାୟତା ନମ୍ବର ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

Desk

## କୋଣାର୍କ ମନ୍ଦିର ବାଲିକଢ଼ା

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ଯଦୁବୀର ସିଂହ ରାଓ୍ୱତ ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ିଙ୍କ ସହ ଶ୍ରୀମନ୍ଦିର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ଉପରେ ଆଲୋଚନା କରିଛନ୍ତି। ଆସନ୍ତା ମାସରେ କୋଣାର୍କ ସୂର୍ଯ୍ୟ ମନ୍ଦିରରୁ ବାଲିକଢ଼ା କାର୍ଯ୍ୟ ଆରମ୍ଭ ହେବ। ଶ୍ରୀମନ୍ଦିର ଗର୍ଭଗୃହରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଆଇରନ ବିମ୍‌ଙ୍କୁ  ଅନୁଧ୍ୟାନ କରାଯିବା ସହ ନାଟମଣ୍ଡପ,

ଜଗମୋହନ, ଭୋଗମଣ୍ଡପ, ମେଘନାଦ ପ୍ରାଚୀର ଓ ଅନ୍ୟାନ୍ୟ ପାର୍ଶ୍ୱଦେବାଦେବୀ ମନ୍ଦିରକୁ ଯାଞ୍ଚ କରାଯିବ ବୋଲି ଶ୍ରୀ ରାଓ୍ୱତ କହିଛନ୍ତି ।

Desk

## ଦୀକ୍ଷାନ୍ତ ସମାରୋହ

ପୁଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ସମ୍ବଲପୁର ବୁର୍ଲା ବି.ଟି.ଆଇରେ ସିପାହୀମାନଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇଛନ୍ତି । ୨୦୨୪ ମସିହା ଅକ୍ଟୋବର ମାସ ୧୪ ତାରିଖରୁ ଚଳିତ ବର୍ଷ ଏପ୍ରିଲ ମାସ ୨୯ ତାରିଖ ପର୍ଯ୍ୟନ୍ତ ସିପାହୀମାନଙ୍କ ପ୍ରଶିକ୍ଷଣ ଦିଆଯାଇଥିଲା । ମୋଟ ୧ ହଜାର ୨୭ ଜଣ ପ୍ରଶିକ୍ଷଣ ନେଇ ଉତ୍ତୀର୍ଣ୍ଣ ହୋଇଛନ୍ତି । ପରେ ମେ’ ମାସ ୧୨ ତାରିଖରୁ ସେପ୍ଟେମ୍ବର ମାସ ୭ ତାରିଖ ଆଡଭାନ୍ସ ଟ୍ରେନିଂ ନେଇ ବି.ଟି.ଆଇ.ର ପଞ୍ଚମ ବ୍ୟାଚ୍ ରିଜର୍ଭ କନେଷ୍ଟବଳ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିଛନ୍ତି । ଶ୍ରୀ ମିଶ୍ର ଡି.ଆଇ.ଜି. ଅଫିସରେ ୫ଟି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ସମୀକ୍ଷା କରିଛନ୍ତି ।

Desk

# ବର୍ଷା

ପଶ୍ଚିମ କେନ୍ଦ୍ରୀୟ ଏବଂ ତତ୍ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଦୁର୍ବଳ ହୋଇ ଅବପାତରେ ପରିଣତ ହୋଇଛି । ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଆହୁରି ଦୁର୍ବଳ ହେବ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ଆସନ୍ତା

୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝରଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ବର୍ଷା ଯୋଗୁଁ ଯାଜପୁର ଜିଲ୍ଲାର ୪ଟି ବ୍ଲକ ଦଶରଥପୁର, ଯାଜପୁର, ବିଞ୍ଝାରପୁର ଓ ପୁରୀ ବ୍ଲକ ପ୍ରଭାବିତ ହୋଇଛି। ବୈତରଣୀର ଶାଖା ନଦୀ କାଣୀନଦୀରେ ୭୦ ଫୁଟର ଘାଇ ସୃଷ୍ଟି ହୋଇଛି। ଭଦ୍ରକ ଜିଲ୍ଲାର ବୈତରଣୀ ଓ ସାଳନ୍ଦୀ ନଦୀରେ ଚଳିତ ବର୍ଷର ସପ୍ତମଥର ପାଇଁ ବନ୍ୟା ସୃଷ୍ଟି ହୋଇଛି। ଦୁଇ ନଦୀରେ ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ବାଲେଶ୍ୱର ଜିଲ୍ଲାର ୪ଟି ବ୍ଲକରେ ବନ୍ୟା ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ପାଇଁ ବାଲିଆପାଳର ୫ଟି ପଞ୍ଚାୟତର ୨୫ଟି ପାଣି ଘେରରେ ରହିଛନ୍ତି। ବର୍ଷାଜନିତ ବନ୍ୟା ପରିସ୍ଥିତି ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି...- **V/O -**

ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୨୯ ଦଶମିକ ୪/୭ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୯୭ ହଜାର ୨୮୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୫ଟି ଗେଟ୍ ଦେଇ ୨ ଲକ୍ଷ ୬୨ ହଜାର ୩୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

M.giri/K.put/Ganjam/Nabarangpur

## ଜଳବନ୍ଦୀ ସମୀକ୍ଷା

ଲଗାଣ ବର୍ଷାପରେ ଗଞ୍ଜାମ ଜିଲ୍ଲାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସ୍ଥାନୀୟ ଅଞ୍ଚଳର  ଜଳବନ୍ଦୀ ଓ ଜଳ ନିଷ୍କାସନ

ସମସ୍ୟାର ସ୍ଥିତି ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଭି.କୀର୍ତ୍ତିଭାସନ, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି। ଜଳବନ୍ଦୀ ସମସ୍ୟାର ତୁରନ୍ତ ସମାଧାନ ସହ ନାଳ ସଫେଇ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁନର୍ବାର ବର୍ଷା ହେଲେ ଜଳବନ୍ଦୀ ସ୍ଥିତିର ତୁରନ୍ତ ପଦକ୍ଷେପ ନେବା ସହ ସମସ୍ତ ପ୍ରତିକାରମୂଳକ କାର୍ଯ୍ୟକୁ ପ୍ରାଥମିକତା ଭିତ୍ତିରେ ଶେଷ କରିବାକୁ ମନ୍ତ୍ରୀ କହିଛନ୍ତି।

ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ବର୍ଷା ପ୍ରଭାବିତ ଅଞ୍ଚଳଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। କୋଷାଗୁମୁଡ଼ା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଜଳବନ୍ଦୀ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସହିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର, ରିଲିଫ ଓ ଆବଶ୍ୟକୀୟ ସହାୟତା  ତୁରନ୍ତ ଯୋଗାଇଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କୋରାପୁଟ ଜିଲ୍ଲାରେ କୋଟପାଡ଼, ବୋରିଗୁମ୍ମା, କୁନ୍ଦ୍ରା, ନାରାୟଣପାଟଣା, ବୈପାରୀଗୁଡ଼ା ଓ ଶିମିଳିଗୁଡ଼ା ବ୍ଲକର ପ୍ରାୟ ୫୦ଟି ଗାଁ ଜଳବନ୍ଦୀ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି।

ଲଗାଣ ବର୍ଷା ପରେ ମାଲକାନଗିରି ଜିଲ୍ଲାର ତଳିଆ ଅଞ୍ଚଳର ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଜିଲ୍ଲାର ୭ଟି ବ୍ଲକ ଓ ତହସିଲ ପ୍ରଭାବିତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ଅନୁଧ୍ୟାନ କରାଯିବା ସହ ୨୨ଟି ସ୍ୱତନ୍ତ୍ର ମେଡିକାଲ ଟିମ୍‌କୁ ବିଭିନ୍ନ ଅଞ୍ଚଳରେ ନିୟୋଜିତ କରାଯାଇଥିବା ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ କହିଛନ୍ତି।

Ganjam

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି। ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ **‘ମେକ୍ ଇନ୍ ଇଣ୍ଡିଆ’** ସମ୍ପର୍କରେ ....

ଭାରତକୁ ଏକ ପ୍ରତିଯୋଗିତା ମୂଳକ ବିନିର୍ମାଣ ଲକ୍ଷ୍ୟ କ୍ଷେତ୍ରରେ ପରିଣତ କରିବା ଉଦ୍ଦେଶ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ୨୦୧୪ ମସିହାରେ ମେକ୍ ଇନ୍ ଇଣ୍ଡିଆ ଆରମ୍ଭ

କରିଥିଲେ । ବିଶ୍ୱସ୍ତରରେ ଭାରତକୁ ଏକ ବିନିର୍ମାଣ, ଡିଜାଇନ୍ ଏବଂ ନବସୃଜନ ହବ୍ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ଭାରତର ଶିଳ୍ପ ପ୍ରଚ୍ଛଦପଟରେ ବିନିର୍ମାଣ, ଉତ୍ପାଦନ, ପୁଞ୍ଜିନିବେଶ ଏବଂ ସାମର୍ଥ୍ୟ ବୃଦ୍ଧି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିଛି ।

ଏହି ପଦକ୍ଷେପ ଅଧୀନରେ ଭାରତର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୭ଗୁଣ ବୃଦ୍ଧି ପାଇଛି । ୨୦୧୪-୧୫ରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୧ ଦଶମିକ ୯ ଲକ୍ଷ କୋଟି ଥିବା ବେଳେ ୨୦୨୫-୨୬ ସୁଦ୍ଧା ୧୩ ଲକ୍ଷ କୋଟିରୁ ଅଧିକ ହୋଇଛି । ମୋବାଇଲ୍ ଫୋନ୍ ଉତ୍ପାଦନ ୩୩ ଗୁଣ ବୃଦ୍ଧି ପାଇ ୧୮ ହଜାର କୋଟିରୁ ୨୦୨୫-୨୬ ସୁଦ୍ଧା ୬ ଦଶମିକ ୨/୭ ଲକ୍ଷ କୋଟିରେ ପହଞ୍ଚିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Rayagada (2)

# ସେବା ସଂକଳ୍ପ ଅଭିଯାନ

**ରାୟଗଡ଼ା** ଜିଲ୍ଲାରେ ସଦର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ–୨୦୨୬ ପାଳନ ଅବସରରେ ଏକଦିବସୀୟ ଯୋଗ ଓ ଧ୍ୟାନ ଶିବିର ଆୟୋଜିତ ହୋଇଛି। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ହାଲୁଆ ପଞ୍ଚାୟତର ଉପରସାଂକେଶ

ନିକଟସ୍ଥ ପର୍ଯ୍ୟଟନସ୍ଥଳୀଠାରେ 'ଏକ ପେଡ଼ ମା' କେ ନାମ' କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷରୋପଣ ମଧ୍ଯ କରାଯାଇଛି।

ବୌଦ୍ଧ ଜିଲ୍ଲାରେ 'ଏକ ପେଡ଼ ମା କେ ନାମ' କାର୍ଯ୍ୟକ୍ରମରେ ମୋଟ ୪୮ ହଜାର ୩୦୦ଟି ବୃକ୍ଷରୋପଣ କରାଯାଇଛି। ଜିଲ୍ଲାର ତିନୋଟି ବ୍ଲକରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

Desk

# ପରିବେଶ ସ୍ୱାସ୍ଥ୍ୟ ଦିବସ

ନିରନ୍ତର ଜୀବନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ଶିଳ୍ପାୟନ, ସହରୀକରଣ ଆଦି ଦ୍ୱାରା ମାନବ ସ୍ୱାସ୍ଥ୍ୟପ୍ରତି ସୃଷ୍ଟ ବିପଦ ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି **ପରିବେଶଗତ ସ୍ୱାସ୍ଥ୍ୟ ସଂପ୍ରଦାୟକୁ ସୁରକ୍ଷା ଦେବା ନିମନ୍ତେ ବିଜ୍ଞାନ ସହିତ ସହମତ ହେବା ।** ପରିବେଶ ଓ ମାନବ ସ୍ୱାସ୍ଥ୍ୟ ପରସ୍ପର ସହ ଗଭୀରଭାବେ ଜଡ଼ିତ। ପରିବେଶ ସୁରକ୍ଷା କେବଳ ପ୍ରକୃତି ସଂରକ୍ଷଣର ବିଷୟ ନୁହେଁ, ଏହା ଏକ ସୁସ୍ଥ ସମାଜ ଗଠନର ମୁଖ୍ୟ ଆଧାର। ବାୟୁ ପ୍ରଦୂଷଣ, ଦୂଷିତ ଜଳ ଓ ଅସ୍ୱଚ୍ଛତା, ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ବର୍ଜ୍ୟର ଅବ୍ୟବସ୍ଥିତ ପରିଚାଳନା, ରାସାୟନିକ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ମାନବ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ଆହ୍ୱାନ ସୃଷ୍ଟି କରୁଛି। ଏହି

ପରିପ୍ରେକ୍ଷୀରେ ଆଜିର ଦିବସ ପରିବେଶ ଓ ସ୍ୱାସ୍ଥ୍ୟ ମଧ୍ୟରେ ଥିବା ସମ୍ପର୍କ ଉପରେ ସଚେତନ କରାଇଥାଏ। ପରିବେଶ ସୁରକ୍ଷା ପାଇଁ ଆମେ ଦୈନନ୍ଦୀନ ଜୀବନରେ ବିଭିନ୍ନ ପଦକ୍ଷେପ ସ୍ୱରୂପ ବର୍ଜ୍ୟକୁ ଉତ୍ସ ସ୍ଥଳରୁ ପୃଥକୀକରଣ, ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ଚାରାରୋପଣ, ସାର୍ବଜନୀନ ସ୍ଥାନକୁ ପରିଷ୍କାର ରଖିବା ଏବଂ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବା ଦ୍ୱାରା ଏହି ଦିଗରେ କାର୍ଯ୍ୟ କରାଯାଇପାରିବ। ପରିବେଶ ସୁସ୍ଥ ରହିଲେ, ମଣିଷ ଜୀବନ ସୁସ୍ଥ ରହିପାରିବ।